ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Labour & ESI(Od)/238/ 21-02-2024**

## ରାଜ୍ୟର ବାଷ୍ପୀୟ ପ୍ଲାଣ୍ଟଗୁଡ଼ିକର ସୁରକ୍ଷିତ ସୁପରିଚାଳନା ନିମନ୍ତେ ରାଜ୍ୟ ଶ୍ରମ ସଂସ୍ଥାନରେ ପ୍ରଚାଳନ ଯନ୍ତ୍ରୀମାନଙ୍କର ତାଲିମ କର୍ମଶାଳା

ଭୁବନେଶ୍ୱର, ତା.୨୧/୦୨/୨୦୨୪

ରାଜ୍ୟ ଶ୍ରମ ସଂସ୍ଥାନରେ ଦ୍ୱିତୀୟ ଦଫାରେ ରାଜ୍ୟର ତାପଜ ବିଦ୍ୟୁତ କେନ୍ଦ୍ର ଏବଂ ଅନ୍ୟାନ୍ୟ ବୃହତ କାରଖାନା ମାନଙ୍କରେ ଅବସ୍ଥାପିତ ବାଷ୍ପୀୟ ପ୍ଲାଣ୍ଟ ଗୁଡିକର ସୁରକ୍ଷିତ ସୁପରିଚାଳନା ପାଇଁ ସେଥିରେ ନିୟୋଜିତ ପ୍ରଚାଳନ ଯନ୍ତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ଉଦ୍‌ଘାଟନ କରି ସଂସ୍ଥାନର ଉପାଧକ୍ଷ ଏବଂ ଶ୍ରମ ବିଭାଗର କମିଶନର ତଥା ଶାସନସଚିବ ଶ୍ରୀ ଆର. ସନ୍ତ ଗୋପାଳନ ସରକାରଙ୍କ ଶିଳ୍ପ ସୁରକ୍ଷା ଉପରେ ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ଦକ୍ଷତା ବିକାଶର ପ୍ରକ୍ରିୟା କ୍ରମାଗତ ଚାଲୁ ରହିବ ବୋଲି ପ୍ରକାଶ କରିଥିଲେ ।

ଶ୍ରମ ଆୟୁକ୍ତ ଶ୍ରୀ ଅମୃତ ଋତୁରାଜ, ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ନୀତି ରଂଜନ ସେନ୍ ଓ କାରଖାନା ଏବଂ ବାଷ୍ପୀତ୍ର ଉପନିର୍ଦ୍ଦେଶକ ସୁରକ୍ଷା ଡଃ ମଳୟ କୁମାର ପ୍ରଧାନ ଉଦ୍‌ବୋଧନ ଦେଇ ସରକାରଙ୍କ ଶୂନ୍ୟ ଦୁର୍ଘଟଣା ନୀତି ଉପରେ ଆଲୋକପାତ କରିଥିଲେ ।

ନିୟାମକରେ ଥିବା ବ୍ୟବସ୍ଥାର କଡାକଡି ପାଳନ, ବାଷ୍ପୀୟ ପ୍ରଚାଳନ ବିଫଳତା ଏବଂ ବିସ୍ଫୋରଣ ଉପରେ ଅଧୟନ ସହିତ ପ୍ରଚାଳନ ଯନ୍ତ୍ରୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଏବଂ ସର୍ବୋପରି ବାଷ୍ପୀୟ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକମାନଙ୍କର ବ୍ୟକ୍ତିଗତ ସୁରକ୍ଷାକୁ ପ୍ରାଥମିକତା ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଦୁର୍ଘଟଣା ନିୟନ୍ତ୍ରଣ ଶୀର୍ଷକ ପ୍ରସଙ୍ଗ ତାଲିମ କର୍ମଶାଳାର ପ୍ରମୁଖ ବିଷୟ ରହିଛି ।

ଉକ୍ତ କର୍ମଶାଳାରେ ୫୦ ଜଣ ବାଷ୍ପୀୟ ପ୍ରଚାଳନ ଯନ୍ତ୍ରୀ ଯୋଗଦାନ କରିଥିବାବେଳେ ରାଜ୍ୟର ବିଭିନ୍ନ ବାଷ୍ପୀୟ ପ୍ରଚାଳନ ଅଭିଜ୍ଞ ଯନ୍ତ୍ରୀ ଓ କାରଖାନା ଏବଂ ବାଷ୍ପୀୟ ନିର୍ଦ୍ଦେଶାଳୟ ର ଅଭିଜ୍ଞ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ତାଲିମ କାର୍ଯ୍ୟକ୍ରମ ସମ୍ପାଦିତ ହେଉଅଛି ।

ପ୍ରମୋଦିନୀ ଟେଟେ
ସୂଚନା ଅଧିକାରୀ